## ସଂକ୍ଷେପରେ

### ଗୋହତ୍ୟା ବନ୍ଦ ନେଇ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ପାରଳାଖେମୁଣ୍ଡି,୨୮।୩(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଗୋହତ୍ୟା ବନ୍ଦ କରିବା ନେଇ ଜିଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ଜିଲା ସଭାପତି କୈଳାସ ଗୌଡ଼, ଜିଲା କାର୍ଯ୍ୟକାରୀ ସଭାପତି ଲୋକନାଥ ମିଶ୍ରଙ୍କ ନେତୃତ୍ୱରେ ବିଶ୍ୱହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳର କର୍ମୀମାନେ ଗୋ ସୁରକ୍ଷା ନେଇ ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିଲେ।

### ୬୩ ହିତାଧିକାରୀଙ୍କୁ ଜଙ୍ଗଲ ଜମିପଟ୍ଟା ବଣ୍ଟନ

ଖଜୁରିପଡ଼ା,୨୮।୩ (ବିଦୁର ବେହେରା)

ଖଜୁରିପଡ଼ା ତହସିଲ କାର୍ଯ୍ୟାଳୟରେ ଶୁକ୍ରବାର ବ୍ୟକ୍ତିଗତ ଏବଂ ଗୋଷ୍ଠୀ ଗତ ଜଙ୍ଗଲ ଜମିପଟ୍ଟା ବଣ୍ଟନ କରାଯାଇଛି। ନୂଆଁଗାଁ ପଞ୍ଚାୟତର ବାଲିଶୁଗ୍ରି, ବରେଗୁଡ଼ା ଏବଂ ଦଳପଡା ପଞ୍ଚାୟତର ଡାଞ୍ଜୁଗାଁର ୬୩ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି। ତହସିଲଦାର ଶୁଭଶ୍ରୀ ରଥ, ରାଜସ୍ୱ ସୁପରଭାଇଜର ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ରାଜସ୍ୱ ନୀରିକ୍ଷକା ପ୍ରଜ୍ଞା ପରମିତା ପ୍ରଧାନ, କୋର୍ଡ଼ିନେଟର ରମାକାନ୍ତ ସାହାଣୀ, ସହକାରୀ ସୋମନାଥ ଶାହା ଉପସ୍ଥିତ ଥିଲେ।

### ଆନ୍ତର୍ଜାତିକ ସମବାୟ ଦିବସ ପାଳିତ

ଫୁଲବାଣୀ,୨୮।୩ (ରାକେଶ କୁମାର ରାଉତ)

ଫୁଲବାଣୀ ଗାନ୍ଧୀ ସ୍ମୃତି ଭବନରେ ଶୁକ୍ରବାର ଅନ୍ତର୍ଜାତୀକ ସମବାୟ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ସ୍ଲୋଗନ ଥିଲା ସମବାୟ କ୍ଷେତ୍ରରେ ନାରୀ ସଶକ୍ତିକରଣ। ଉପନିବନ୍ଧକ ସମବାୟ ସମିତି ସମୂହ ତୃପ୍ତି କଲ୍ୟାଣ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାଧାରଣ ସଭାରେ ବୌଦ୍ଧ ସମବାୟ ବ୍ୟାଙ୍କର ସଭାପତି ଅରୁଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଉପରେ ବକ୍ତବ୍ୟ ଦେଇଥିଲେ। କନ୍ଧମାଳ ସମବାୟ ସଂଘ ସଭାପତି ସୁପ୍ରଭା ନାୟକ ଅତିଥି ଭାବେ ଯୋଗଦେଇ ଜିଲାରେ ସମବାୟ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ସହ ଆବଶ୍ୟକ ସହଯୋଗ ପାଇଁ ସୂଚନା ଦେଇଥିଲେ। ଏହି ଅବସରରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା.ସଞ୍ଜୀବ ପଟେଲ, ମତ୍ସ୍ୟ ଅଧିକାରୀ ପ୍ରଫୁଲ୍ଲ କହଁର, ଉପକୃଷି ନିର୍ଦ୍ଦେଶକ ତୁଷାରକାନ୍ତି ଡୁଙ୍ଗ, ସହକାରୀ ଉପନିବନ୍ଧକ ଲଳିତ ମାଝି, ଜିତେନ୍ଦ୍ର ମିଶ୍ର, ବୌଦ୍ଧ ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟ ନିର୍ବାହୀ ସ୍ମିତାଶ୍ରୀ ସାହୁ, ଆର୍‌ଏମ୍‌ସି, ଟିକାବାଲିର ସଞ୍ଜୟ ପଟ୍ଟନାୟକ ଏହି ଦିବସ ସମ୍ପର୍କରେ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ଅଗ୍ରଣୀ ୧୩ ମହିଳା ଯୁଗ୍ମ ଦେୟ ଗୋଷ୍ଠୀଙ୍କୁ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଥିଲା।

### ଲୋକକଳା, ସଂସ୍କୃତି ବିକାଶ ମହାମଞ୍ଚ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

ଗଞ୍ଜାମ,୨୮।୩(ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ଅନ୍ତର୍ଗତ କାର୍ତ୍ତିକଢ଼ି ଗ୍ରାମରେ ଲୋକକଳା ଓ ସଂସ୍କୃତି ବିକାଶ ମହାମଞ୍ଚ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଛି। ମଞ୍ଚ ଆବାହକ ଆର. ହରିକୃଷ୍ଣ ରେଡ୍ଡୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମକୁ ଛତ୍ରପୁର ଉପ ଜିଲାପାଳ ଶିବାଶିଷ ବରାଳ ଉଦ୍‌ଘାଟକ ରୂପେ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିଭାବେ ମଞ୍ଚ ମହାରଥୀ ବିପିନ ମହାପାତ୍ର ବିଶ୍ୱ ନାଟ୍ୟ ଦିବସର ତତ୍ପର୍ଯ୍ୟ, ସମାଜ ପାଇଁ ନାଟକର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଏନ. ପଦ୍ମାବତୀ, ପୂର୍ବତନ ଅଧ୍ୟକ୍ଷ ଦଣ୍ଡପାଣି ମହାପାତ୍ର, ଅଧ୍ୟାପକ ଲିଙ୍ଗରାଜ ସାହୁ, ସନ୍ତୋଷପୁର ସମିତିସଭ୍ୟ ପ୍ରତିନିଧି ଏସ. ରାମଚନ୍ଦ୍ର ରେଡ୍ଡୀ, ସରପଞ୍ଚ ପ୍ରତିନିଧି ଭୀମ ସାହୁ, ଯୋଗେଶ ଚନ୍ଦ୍ର ସାହୁ, ବିକ୍ରମ ଜେନା, ଆଶ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତ୍ରିଲୋଚନ ପାଳ, ପ୍ରଧାନ ଶିକ୍ଷକ ବସନ୍ତ ସାସମଲ, କଳାକାର ଦୀନବନ୍ଧୁ ରେଡ୍ଡୀ ଉପସ୍ଥିତ ଥିଲେ। ୧୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଳାକାର ଓ ସାହିତ୍ୟିକଙ୍କୁ ସମ୍ମାନିତ କରାଯାଇଥିଲା। କାର୍ତ୍ତିକଢ଼ି ଗ୍ରାମ ସଭାପତି କେ.ଦିଲ୍ଲୁ ରେଡ୍ଡୀ, ପରିଚାଳକ କେ. ନରହରି ରେଡ୍ଡୀ, ଗ୍ରାମ ସଂଯୋଜକ ଶିବ ପ୍ରସାଦ ବେହେରା, ଶ୍ରୀରାମୁଲୁ ରେଡ୍ଡୀ କାର୍ଯ୍ୟକ୍ରମ ଏହାକୁ ଆୟୋଜନ କରିଥିଲେ।

# ନେଟୱର୍କ ନାହିଁ, ସର୍ଭେରୁ ବଞ୍ଚିତ ଆଦିବାସୀ ହିତାଧିକାରୀ

ପୋଲସରା,୨୮।୩(ସୁବ୍ରତ ବେହେରା)


ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ କରାଯାଉଥିବା ସର୍ଭେ

ବର୍ତ୍ତମାନ ଓଡ଼ିଶାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ସର୍ଭେ ଚାଲିଛି। ଗଞ୍ଜାମ ଜିଲା ପୋଲସରା ବ୍ଲକର ୨୬ଟି ପଞ୍ଚାୟତରେ ଏହି ସର୍ଭେ ଚାଲିଛି। ପାଣ୍ଡିରିପଡ଼ା ପଞ୍ଚାୟତରେ ୨୬ଟି ଗ୍ରାମ ରହିଥିବା ବେଳେ ସେଥିମଧ୍ୟରୁ ଅନେକ ଗ୍ରାମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଜନଜାତି ଲୋକେ ବସବାସ କରୁଛନ୍ତି। ଉକ୍ତ ପଞ୍ଚାୟତର ଗ୍ରାମ ସେବକ କିଶୋର ସାହୁ ଗାଁ ଗାଁ ବୁଲି ହିତାଧିକାରୀଙ୍କ ସର୍ଭେ କରୁଛନ୍ତି। ବର୍ତ୍ତମାନ ୬ଟି ଗ୍ରାମ ଖୁରା, ତୋର୍ଷିଙ୍ଗ, ଗୋବିନ୍ଦପୁର, ରଞ୍ଜୁଡ଼ି, ପାତାଳସିଙ୍ଗ ଓ ନାଡ଼ିଆମ୍ବା ଗ୍ରାମରେ କୌଣସି ନେଟୱର୍କ ସୁବିଧା ନ ଥିବାରୁ ସର୍ଭେ ହୋଇପାରୁ ନ ଥିବାରୁ ଅନେକ ଆଦିବାସୀ ଜନଜାତି ଲୋକେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସର୍ଭେରୁ ବଞ୍ଚିତ ହେଉଛନ୍ତି। ଏହାର ସୀମା ବୃଦ୍ଧି କରିବାକୁ ଜନଜାତି ଲୋକେ ଦାବି କରିଛନ୍ତି। ଏଥିପ୍ରତି ଦୃଷ୍ଟି ଦେଇ ସରକାର ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବାର୍ ଆସୋସିଏଶନ ନିର୍ବାଚନ ଆଜି

ଭଞ୍ଜନଗର/ଛତ୍ରପୁର,୨୮।୩
(ବାବୁଲା ପ୍ରଧାନ/ସନ୍ତୋଷ ପାଢ଼ୀ)

ରାଜ୍ୟର ବିଭିନ୍ନ ବାର୍ ଆସୋସିଏଶନ ନିର୍ବାଚନ ଶନିବାର ଅନୁଷ୍ଠିତ ହେବ। ଭଞ୍ଜନଗର ବାର୍ ଆସୋସିଏଶନ ପାଇଁ ହେଉଥିବା ନିର୍ବାଚନ ପ୍ରକ୍ରିୟା ସକାଳ ସାଢ଼େ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ପରେ ଫଳାଫଳ ଘୋଷଣା ହେବ। ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ପଦବୀ ପାଇଁ ଲକ୍ଷ୍ମୀକାନ୍ତ ମହାପାତ୍ର ଏବଂ ଶହସ୍ରାଂଶୁ ରାଉତ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉପସଭାପତି ପଦ ପାଇଁ ସନ୍ତୋଷ ବେହେରା ଓ ନିଶାକର ପାତ୍ର, କୋଷାଧ୍ୟକ୍ଷ ପଦ ପାଇଁ ସଂଗ୍ରାମ ମିଶ୍ର, ହିମାଂଶୁ ମହାରଣା ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅନ୍ୟପକ୍ଷରେ ଯୁଗ୍ମ ସମ୍ପାଦକ ଭାବେ ଗିରିଜା ଶଙ୍କର ଭୂୟାଁ ଏବଂ ସମ୍ପାଦକ ଭାବେ ଜ୍ୟୋତିରାଜ ପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ଛତ୍ରପୁର ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତାମୂଳକ ହେବ। ସଭାପତି ଓ ସମ୍ପାଦକ ପଦ ଲାଗି ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ଓ ଉପସଭାପତି ପଦ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ଅନ୍ୟ ୫ ପଦ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ଥିବାରୁ ସେମାନେ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସଭାପତି ପାଇଁ ପ୍ରଦୀପ ପାଢ଼ୀ ଓ ସଂଜୟ ବେହେରା, ଉପସଭାପତି ପାଇଁ ଭୈରବୀ ପଟ୍ଟନାୟକ, ଚୈତନ୍ୟ ପ୍ରଧାନ ଓ ସମୀର ପାଣିଗ୍ରାହୀ ଏବଂ ସମ୍ପାଦକ ପାଇଁ ଏସ.ଶ୍ୟାମ କୁମାର ରାଓ ଓ ସୁରେଶ ପଟ୍ଟନାୟକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। ୫ଜଣ ଅପ୍ରତିଦ୍ୱନ୍ଦ୍ୱି ରହିଛନ୍ତି।

# ଗାଁଗାଁରେ ପୁଷ୍ଟିସାର ଖାଦ୍ୟ ପାଇଁ ସଚେତନ କରାଯିବାକୁ ପ୍ରୟାସ


କର୍ମଶାଳାରେ ପ୍ରଦର୍ଶିତ ପୁଷ୍ଟିସାର ଖାଦ୍ୟ।

ଦାରିଙ୍ଗବାଡ଼ି,୨୮।୩ (ଅରୁଣ ସାହୁ)

ରାଜ୍ୟରେ ଅପପୁଷ୍ଟି ରୋକିବା ସହ ସାଧାରଣ ଲୋକ କିଭଳି ସୁସ୍ଥ ଜୀବନଯାପନ କରିପାରିବେ ସେ ନେଇ ରାଜ୍ୟସରକାର ପ୍ରୟାସ ଜୋରଦାର କରୁଛନ୍ତି। ସମସ୍ତେ ସୁସ୍ଥ ରହିଲେ ଲୋକଙ୍କ ଆର୍ଥିକ ପରିସ୍ଥିତିରେ ସୁଧାର ଆସିବ। ଏଥିପାଇଁ ସମସ୍ତେ ଗାଁ ଗାଁରେ କିଭଳି କ୍ଷୁଦ୍ରଦାନା ଶସ୍ୟ ତଥା ମାଣ୍ଡିଆ, କାଙ୍ଗୁ, କୁଏରୀ, ଜହ୍ନା ଆଦି ଶସ୍ୟରେ ଖାଦ୍ୟ ପ୍ରସ୍ତୁତି କରି ଖାଇଲେ ଲୋକ ରକ୍ତଚାପ, ରକ୍ତ ସର୍କରା ଭଳି ଦୋରାମ୍ୟ ରୋଗରୁ ମୁକ୍ତ ହୋଇପାରିବେ ଏଥିପାଇଁ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାରିଙ୍ଗବାଡ଼ି ବ୍ଲକ୍‌ରେ କାର୍ଯ୍ୟରତ ଅଙ୍ଗନାୱାଡି କର୍ମୀ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କୁ ତାଲିମ ଦିଆଯାଉଛି। ପାହାଡ଼ି ପ୍ରଦ୍ୟୁମ୍ନର ଗ୍ରୁପର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଆଞ୍ଚଳିକ ରିସର୍ସ ପର୍ସନ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସେହିପରି ଏହାର ବହୁଳ ଲୋକାଭିମୁଖୀ କରିବା ପାଇଁ ଶ୍ରୀଅର୍ଣ୍ଣ ଅଭିଯାନ ପକ୍ଷରୁ କ୍ଷୁଦ୍ରଦାନା ଶସ୍ୟରୁ ପ୍ରସ୍ତୁତି କରାଯାଇଥିବା କାଙ୍ଗୁ ଖିରି ମାଣ୍ଡିଆ ସୁପ, ଲଡ୍ଡୁ, ପିଆଜି, କାକେରା, ଗୁଲୁଗୁଲା, ପକୋ ଆଦି ଲୋକଙ୍କୁ ଖାଇବାକୁ ଦିଆଯାଇଥିଲା। ଏହି କ୍ଷୁଦ୍ରଦାନାରେ ଖାଦ୍ୟ ପ୍ରସ୍ତୁତି ମେଳାକୁ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସଦାନନ୍ଦ ସିଂଙ୍କ ସମେତ ଶ୍ରୀଅର୍ଣ୍ଣ ଅଭିଯାନର ପ୍ରକଳ୍ପ ସଂଯୋଜକ ଦେବାନନ୍ଦ ଦାସ, ସହ ସଂଯୋଜକ ବିମଳ ନାୟକ, ଆଞ୍ଚଳିକ ସଂଯୋଜକ ପ୍ରଫୁଲ ମହାପାତ୍ର, ଜିଳେଶ୍ୱର ପ୍ରଧାନ, ଅଶୋକ ବେହେରା, ପ୍ରେମାନନ୍ଦ ସିଂ ପ୍ରମୁଖ ସହଯୋଗ କରିଥିଲେ।

# ଶିକାରୀ ଗୁଳିରେ ଛେଳି ଚରାଳି ଗୁରୁତର

ପାରଳାଖେମୁଣ୍ଡି,୨୮।୩
(ଗିରିଧାରୀ ପରିଚ୍ଛା)

ଶିକାରୀଙ୍କ ଗୁଳିରେ ଜଣେ ଛେଳି ଚରାଳି ଗୁରୁତର ହୋଇଛନ୍ତି। ସେ ହେଲେ ଗଜପତି ଜିଲା ରାୟଗଡ ବ୍ଲକ ରାମଗିରି ଥାନା ଅନ୍ତର୍ଗତ ସାନକରଞ୍ଜା ସାହି ଗାଁର ଦିବାକର ଭୂୟାଁ। ତାଙ୍କ ଦେହରେ ୩ଟି ଗୁଳି ବାଜିଛି।

ଖବରରୁ ଜଣାପଡ଼ିଛି, ସବୁ ଦିନ ପରି ଗୁରୁବାର ଦିବାକର ଛେଳି ନେଇ ଗାଁ ନିକଟସ୍ଥ ଜଙ୍ଗଲକୁ ଚରାଇବାକୁ କେତେଜଣ ସାଥୀଙ୍କ ସହ ଯାଇଥିଲେ। ସେଠାରେ ଛେଳି ଚରାଉଥିବା ବେଳେ ହଠାତ୍ ୩ଟି ଗୁଳି ଆସି ଦିବାକରଙ୍କ ଦେହରେ ବାଜିଥିଲା। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କ ସହ ଯାଇଥିବା ସାଥୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଗାଁକୁ ଆଣି ପରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସାଙ୍ଗରେ ପରିବାର ଲୋକେ ଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ରାମଗିରି ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଙ୍ଗଲକୁ କେହି ଶିକାରୀ ଶିକାର କରିବାକୁ ଆସି ଛେଳିଗୁଡ଼ିକୁ ଦେଖି ବନ୍ୟଜନ୍ତୁ ମନେକରି ଗୁଳି ଚଳାଇଥିବା ସନ୍ଦେହ କରାଯାଉଛି।

# ଘୁମୁସର ହାଡ଼ିକୁଳ ସମାଜର ସ୍ମାରକପତ୍ର

ଭଞ୍ଜନଗର,୨୮।୩(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଘୁମୁସର ତାଲୁକା ହାଡି କୁଳ ସମାଜ ପକ୍ଷରୁ ବିଭିନ୍ନ ଦାବି ନେଇ ଗୁରୁବାର ଭଞ୍ଜନଗର ଡେପୁଟି କଲେକ୍ଟର ସୁମନ ଘୋଷଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ହେଲା ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧଙ୍କୁ ମଧୁବାବୁ ପେନସନ ଯୋଜନାରେ ସାମିଲ କରି ଭତ୍ତା ପ୍ରଦାନ କରିବା, ବିଧବା ମହିଳାଙ୍କୁ ଭତ୍ତା ସହ ମଙ୍ଗଳ ଯୋଜନାରେ ସାମିଲ କରି ୨୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ, ବେକାର ଯୁବତୀ ଯୁବକଙ୍କୁ ସ୍ୱାବଲମ୍ବୀ ସହ ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଥଇଥାନ କରିବା ଛାତ୍ରଛାତ୍ରୀଙ୍କୁ ବାସିନ୍ଦା ଏବଂ ଜାତିଗତ ପ୍ରମାଣପତ୍ର ପ୍ରଦାନ ପାଇଁ ଦାବି କରାଯାଇଛି। ଭଞ୍ଜନଗର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ସମାଜର ଶତାଧିକ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ଭଞ୍ଜନଗର ସହର ପରିକ୍ରମା କରିଥିଲେ।

# ସବୁ କର୍ମଚାରୀଙ୍କ ସମସ୍ୟା ସମାଧାନ କରାଯିବ: ବିଧାୟକ ପ୍ରଦ୍ୟୁମ୍ନ

ଭଞ୍ଜନଗର,୨୮।୩(ବାବୁଲା ପ୍ରଧାନ):

ଭୁବନେଶ୍ୱରଠାରେ କିଛି ଦିନ ହେବ ବିଭିନ୍ନ ସଂଘ ସେମାନଙ୍କ ଦାବି ପୂରଣ ପାଇଁ ଆନ୍ଦୋଳନ ଚଳାଇଛନ୍ତି। ସେମାନଙ୍କ ସମସ୍ୟା ଜାଣି ତାହା କିଭଳି ସମାଧାନ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମନ୍ତ୍ରୀ ଓ ବିଧାୟକଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଉକ୍ତ କମିଟିକୁ ଶୁକ୍ରବାର ବିଭିନ୍ନ ସଂଘ କର୍ମକର୍ତ୍ତା ଭୁବନେଶ୍ୱରଠାରେ ଭେଟି ସମସ୍ୟା ଜଣାଇଥିଲେ। କମିଟି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ପ୍ରଦାନ କରିବ। ପରେ ବିହୀତ ପଦକ୍ଷେପ ନେବ। ସମସ୍ତ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କମିଟି ସଭ୍ୟ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଧରିତ୍ରୀ ପ୍ରତିନିଧିଙ୍କୁ ଏକ ସାକ୍ଷାତ୍‌କାରରେ କହିଛନ୍ତି। ଭାଜପା ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସହିତ ଅଛି। ସାଧାରଣ ଜନତାଙ୍କ ଅଭିଯୋଗକୁ ଶୁଣିବା, ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଦ୍ୟୁମ୍ନ କହିଛନ୍ତି।


ଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ଅବସରରେ ଗତ ୩ ବର୍ଷରେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ୫ଜଣ ଏନସିସି କ୍ୟାଡେଟ ପରେଡ଼ରେ ଭାଗ ନେଇଥିଲେ। ସେମାନଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

### ଶିଶୁ ବାଟିକାରେ ନାମ ଲେଖାଇବାକୁ ସଚେତନତା

# ଘରକୁ ଯାଇ ନିମନ୍ତ୍ରଣପତ୍ର ଦେଲେ ଜିଲାପାଳ

ଛତ୍ରପୁର,୨୮।୩
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):


ଜିଲାପାଳ ଏକ ପରିବାରକୁ ଶିଶୁ ବାଟିକାରେ ପିଲାଙ୍କ ନାମ ଲେଖାଇବାକୁ ନିମନ୍ତ୍ରଣପତ୍ର ଦେଉଛନ୍ତି।

ନୂତନ ଶିକ୍ଷାନୀତି ୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଉଛି। ଯେଉଁମାନଙ୍କ ବୟସ ସେପ୍ଟେମ୍ବର ୧ ସୁଦ୍ଧା ୫ ବର୍ଷରୁ ଉର୍ଦ୍ଧ୍ୱ ସେମାନେ ଶିଶୁ ବାଟିକା ଓ ୬ ବର୍ଷରୁ ଉର୍ଦ୍ଧ୍ୱ ପ୍ରଥମ ଶ୍ରେଣୀରେ ନାମ ଲେଖାଇବେ। ଆସନ୍ତା ୨ରୁ ୫ ତାରିଖ ପ୍ରର୍ଯ୍ୟନ୍ତ ତିନି ଦିନ ସରକାରୀ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଦ୍ୟାଳୟରେ ପିଲାଙ୍କ ନାମଲେଖାକୁ ସ୍ମରଣୀୟ କରିବା ପାଇଁ ଏହି ଅବସର ରରେ ଅନେକ ଆକର୍ଷଣୀୟ ଏବଂ ଶିକ୍ଷଣୀୟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶୁକ୍ରବାର ଛତ୍ରପୁର ଏନଏସି ଅଧୀନ ପୁତିଗୋପାଳପୁର ବଡ଼ସାହିର କୁନି କୁନି ପିଲାଙ୍କ ଘରକୁ ଯାଇ ପରିବାରବର୍ଗଙ୍କୁ ବିଦ୍ୟାଳୟରେ ଶିଶୁ ବାଟିକାରେ ପିଲାଙ୍କ ନାମ ଲେଖାଇବାକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ଏହାଦ୍ୱାରା ସରକାରଙ୍କର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବାକୁ ଥିବା ଲକ୍ଷ୍ୟ ପୂରଣ କରାଯାଇପାରିବ। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ, ସମଗ୍ର ଶିକ୍ଷା ଅଭିଯାନର ସଂଯୋଜକ ଡ. ସରୋଜ ମୋହନ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ଲୋକ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ମାତୃମଣ୍ଡଳୀ ଅଂଶ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଛି।

# ଆମେ ଜାଣିଲେ ଆମେ ଜିଣିବା କାର୍ଯ୍ୟକ୍ରମ

ରାଇକିଆ,୨୮।୩(ପ୍ରଦୀପ ବେହେରା)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କନ୍ଧମାଳ ଜିଲ୍ଲା ରାଇକିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ରେ ଶୁକ୍ରବାର ପିଏମ୍ ଶ୍ରୀବାର୍ଷିକ ଉତ୍ସବ ଏବଂ ଆମେ ଜାଣିଲେ ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମା ଶଙ୍କର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ବିଡ଼ିଓ ସବ୍ୟସାଚୀ ସାହୁ, ତହସିଲଦାର ବରିୟାଲ ମୁର୍ମୁ, ଅତିରିକ୍ତ ତହସିଲଦାର ଦିଲିପ ବେହେରା, ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ଦଡ଼ିଙ୍ଗିଆ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲା ପ୍ରଧାନ, ପୂର୍ବତନ କ୍ରୀଡ଼ା ଶିକ୍ଷୟିତ୍ରୀ ସେବତୀ ପ୍ରଧାନ ଯୋଗଦେଇ ଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ପାଇଁ କଠିନ ପରିଶ୍ରମ, ସମୟ ଓ ବୁଦ୍ଧିର ଉପଯୋଗ କରି ସଫଳତା ହାସଲ କରି ହେବ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିଭାବକ ମାନେ ସାମିଲ ହୋଇ ଛାତ୍ରୀଙ୍କ ମାର୍ଗ ଦର୍ଶନରେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ଅବଗତ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# କର୍ମୀଙ୍କ ବିରୋଧରେ ପ୍ରଶାସନର ଦ୍ୱାରସ୍ଥ ଗ୍ରାମବାସୀ

### କୁଜିଡ଼େପା ଅଙ୍ଗନୱାଡି କେନ୍ଦ୍ର ବିବାଦ ଥମୁନି



ଛତ୍ରପୁର,୨୮।୩(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):

ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତ କୁଜିଡେପା ଗ୍ରାମ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଓ ଗ୍ରାମବାସୀଙ୍କ ବିବାଦ ଥମୁନି। ଉକ୍ତ କେନ୍ଦ୍ରର କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆକ୍ରୋଶମୂଳକ ବୋଲି ଦର୍ଶାଇ ଦୁଇଦିନ ତଳେ ନିଖିଳ ଓଡ଼ିଶା ଅଙ୍ଗନୱାଡି କର୍ମୀ ଗଞ୍ଜାମ ଜିଲା ସଂଘ ପକ୍ଷରୁ ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସମସ୍ୟ ସମାଧାନ ପାଇଁ ପ୍ରତଶ୍ରୁତି ପାଇବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଶୁକ୍ରବାର ସମ୍ପୃକ୍ତ କର୍ମୀଙ୍କ ବିରୋଧରେ ଅଭିଯୋଗ ଆଣି ପୁଣି ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କର୍ମୀ ଜଣକ ମନମୁଖି କାର୍ଯ୍ୟ କରୁଥିବା, କେନ୍ଦ୍ରକୁ ଆସୁଥିବା ଖାଦ୍ୟ ପିଲାମାନଙ୍କୁ ଦେଉ ନ ଥିବା, ସରକାରୀ ଅନୁଦାନ ହଡ଼ପ ଆଦି କରୁଥିବାରୁ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଏକ ସ୍ମାରକପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ଗ୍ରାମବାସୀ ଓ କର୍ମୀଙ୍କ ମଧ୍ୟରେ ବିବାଦରୁ ୧୩ ମାସ ହେଲା କୁଜିଡେପା ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହିଛି। ଏହାର କୌଣସି ସମାଧାନ ବାଟ ବାହାରି ପାରୁନାହିଁ। ପ୍ରଶାସନ ମଧ୍ୟ ସମାଧାନ କରିବାରେ ବିଫଳ ହେଉଛି।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ତୁମୁଡ଼ିବନ୍ଧ,୨୮।୩
(ଦିପକ କୁମାର ପରାସେଠ)

କନ୍ଧମାଳ ଓ ରାୟଗଡ଼ା ଜିଲାକୁ ସଂଯୋଗ କରୁଥିବା ଝିରିପାଣି ଠାରୁ ଅମ୍ବାଦୋଲା ରାସ୍ତାର ବରଗାଁ ଘାଟି ତଳେ ଶୁକ୍ରବାର ଏକ ବାଇକ ଦୁର୍ଘଟଣାରେ ଜଣେ ମୃତ ଆଉ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଖଇରମାଲ ଗ୍ରାମର ଫକୀର ଧାରୁଆ(୩୭)। ଭବାନୀପାଟଣା ବ୍ଲକ୍ ଅଟାଙ୍ଗଗୁଡ଼ା ଗ୍ରାମର ଅକ୍ଷୟ ଧାରୁଆ(୩୫) ଆହତ ହୋଇଛନ୍ତି। ସୂଚନାନୁସାରେ, ଗୁରୁବାର ସନ୍ଧ୍ୟାରେ ୨ଜଣ ମିଶି ବାଇକ (ଓଆର-୦୩-ଏ୯୯୧୯) ଯୋଗେ ଅମ୍ବାଦଳା ବନ୍ଧୁଘର ଯାଇଥିଲେ। ବାଟରେ ବରଗାଁ ଘାଟିରେ ସେମାନଙ୍କ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଫକୀରଙ୍କ ମୃତ୍ୟୁ ଘଟିଥିବା ବେଳେ ଅକ୍ଷୟ ଗୁରୁତର ଆହତ ହୋଇ ରାତିସାରା ସେଠାରେ ପଡ଼ି ରହିଥିଲେ। ଶୁକ୍ରବାର ସକାଳେ ଉକ୍ତ ରାସ୍ତା ଦେଇ ଯାଉଥିବା କେତେଜଣ ଯାତ୍ରୀ ଗୁରୁତର ଅବସ୍ଥାରେ ପଡ଼ିଥିବା ଅକ୍ଷୟଙ୍କୁ ଦେଖି ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ।

# ପାରମ୍ପରିକ ବାଦ୍ୟ ଯନ୍ତ୍ରରେ ଦୁଲୁକିଲା ମଞ୍ଚ

ଦାରିଙ୍ଗବାଡ଼ି,୨୮।୩ (ଅରୁଣ ସାହୁ)

## ଦାରିଙ୍ଗବାଡ଼ିରେ ଜନଜାତି ସମ୍ମିଳନୀ


ଅଦିବାସୀ ରମଣୀମାନେ ବାଦ୍ୟର ତାଳେତାଳେ ନୃତ୍ୟ ପରିବେଷଣ କରୁଛନ୍ତି।

ଦାରିଙ୍ଗବାଡି ବ୍ଲକ୍ ଜାଗୃତି କାର୍ଯ୍ୟାଳୟ ପରିସରରେ ଜନଜାତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଦୀପ କହଁର ମଞ୍ଚ ପରିଚାଳନା କରିଥିବା ବେଳେ ବସନ୍ତ ମହାନ୍ତି, ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ବକଳା ପ୍ରଧାନ, ତାଲିମଦାତା ସୁଶାନ୍ତ ଦଳେଇ, ଗମା ପ୍ରଧାନ, ସରସ୍ୱତୀ ପ୍ରଧାନ, ପୂର୍ବତନ ସରପଞ୍ଚ ସୁଜାତା ପତ୍ରା ପ୍ରମୁଖ ମଞ୍ଚାସିନ ଥିଲେ। ପାରମ୍ପରିକ ବାଦ୍ୟ ବଜାଇ ଏହି କାର୍ଯ୍ୟାକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ଏହି ଅବସରରେ ଉପସ୍ଥିତ ଅତିଥିମାନେ କୁଇ ଭାଷା ଓ ଜନଜାତିଙ୍କ ହଜିଯାଉଥିବା ପାରମ୍ପରିକ ପୂଜା, ପାର୍ବଣ, ପାରମ୍ପରିକ ଖାଦ୍ୟ ଓ ବାଦ୍ୟ ଯନ୍ତ୍ର, ସେମାନଙ୍କ ଚାଲିଚଳଣି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ କରି ଯୁବପିଢ଼ି ଆଉ ଜନଜାତିଙ୍କ କୁଇ ଭାଷାରେ ବାର୍ତ୍ତାଳାପ କରୁ ନ ଥିବା ବେଳେ ଅନେକ ପରିବର୍ତ୍ତନ ଦ୍ୱାରା ଧୀରେ ଧୀରେ ଜନଜାତି ହଜିଯାଉଥିବା ବିଷୟରେ ଆଲୋଚନା ହୋଇଥିଲା।। ପେସା ଆଇନ ସମ୍ପର୍କରେ ଆଲୋଚନା ହେବା ସହ ଏହା ସରକାର ଲାଗୁ କରନ୍ତୁ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ପାରମ୍ପରିକ ଖାଦ୍ୟ ପରିବେଷଣ କରାଯାଇଥିଲା। ମଞ୍ଚରେ ଜନଜାତି ମହିଳାମାନେ ପାରମ୍ପରିକ ଖଞ୍ଜଣୀ ନୃତ୍ୟ ଆଦି ପରିବେଷଣ କରିଥିଲେ। ଢୋଲ ମହୁରୀ, ଡେକା, ଚାଙ୍ଗୁ, ଢୋଲରେ ମଞ୍ଚ ଦୁଲୁକିଥିଲା।

# ଅପରାଧୀଙ୍କ ଗାଡ଼ିରେ ନକଲି ନମ୍ବରରୁ ନିରୀହ ଫସୁଛନ୍ତି

ବ୍ରହ୍ମପୁର,୨୮।୩(ସୁବାସ ଚନ୍ଦ୍ର ପାଢ଼ୀ)

ଅପରାଧୀମାନେ ନିଶା ଦ୍ରବ୍ୟ ଚୋରାଚାଲାଣରେ ଏବେ ନୂଆ ତରିକା ଆପଣାଇଛନ୍ତି। ସେମାନେ ଧରୁଥିବା ଚୋରା ଗାଡିରେ ନକଲି ନମ୍ବର ଲଗାଇ ଏହି ସବୁ ଧନ୍ଦା କରୁଥିବାରୁ ନିରୀହ ଲୋକଙ୍କ ପାଇଁ ବିପଦ ସାଜିଛି। ସେମାନେ ଅଯଥାରେ ବିଭିନ୍ନ ମାମଲାରେ ଫସୁଛନ୍ତି। ବ୍ରହ୍ମପୁରର ଅରୁଣ ଖାଡଙ୍ଗା ନାମକ ଜଣେ ବ୍ୟକ୍ତି ଏଭଳି ଅଯଥାରେ ଫସିଯିବା ପରେ କଥା ପଦାକୁ ଆସିଛି। ବ୍ରହ୍ମପୁରର ବିଭିନ୍ନ ଥାନା ପକ୍ଷରୁ ଅନେକ ଚୋରା ଗାଡି ଧରାଯାଉଛି। ବିଭିନ୍ନ ମାଦକ ଦ୍ରବ୍ୟ ଚୋରାଚାଲାଣ ବେଳେ ଜବତ ହେଉଥିବା ଗାଡି ତଦନ୍ତ ବେଳେ ଅନେକ ଫେକ ନମ୍ବର ଲାଗିଥିବା ଜଣାପଡିଛି। କେଉଁ ସ୍ତରରେ ଏହାକୁ ବନ୍ଦ କରାଯାଇପାରିବ ପୋଲିସ ପାଇଁ ଚିନ୍ତାର କାରଣ ହୋଇଛି। ଚୋରା ଗାଡି ଧରିବା ପାଇଁ ଆଇଟିଏମଏସ (ଇଣ୍ଟିଗ୍ରେଟେଡ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ) ବ୍ରହ୍ମପୁରରେ ଲାଗିଛି। ଅନ୍ୟ ସ୍ଥାନଗୁଡିକରେ ସିସିଟିଭିରେ ବି ଅନେକ ଗାଡିର ନମ୍ବର କଏଦ ହେଉଛି। ଏପରି ସ୍ଥଳେ କାଶୀନଗର ଅଞ୍ଚଳରେ ଜଣେ ଯୁବକ ବିନା ହେଲମେଟରେ ଯାଉଥିଲେ। ସେହି ଗାଡିର ନମ୍ବର ସିସିଟିଭିରେ କଏଦ ହୋଇଥିଲା। ତେବେ ନିୟମ ଅନୁସାରେ ଚାଲାଣ ବିକଟାଗଲା। କିନ୍ତୁ ଚାଲାଣ ସିଧାସଳଖ ବ୍ରହ୍ମପୁରର ଅରୁଣ ଖାଡଙ୍ଗାଙ୍କ ଘରକୁ ଆସିଲା। ସେଥିରେ


ଏହି ବାଇକ ନମ୍ବରରେ ଚାଲାଣ ଆସିଛି।

ଉଲ୍ଲେଖ ଥିଲା ଗାଡି ନମ୍ବର ଓଆର ୨୦ ୨୫୧୮ ଓ ଗତ ୧୮ ତାରିଖରେ ବିନା ହେଲମେଟରେ ସେ କାଶୀନଗର ଅଞ୍ଚଳରେ ଯାଉଥିବାରୁ ଏହି ଚାଲାଣ କରାଯାଇଛି। ଚାଲାଣ ଦେଖି ଅରୁଣ ଆଶ୍ଚର୍ଯ୍ୟ ହୋଇଗଲେ। ସେହି ଦିନ ସେ ନିଜ କର୍ମ କ୍ଷେତ୍ରକୁ ନିଜ କାରରେ ଯାଇଥିଲେ। ଘରେ ବାଇକ ଥିଲା। ଏ ସଂକ୍ରାନ୍ତରେ ସେ ଗଜପତି ଜିଲା କାଶୀନଗର ପୋଲିସକୁ ଜଣାଇଥିଲେ। ପରେ ସମ୍ପୃକ୍ତ ଯୁବକ ଜଣକ ଫେକ ନମ୍ବର ଲଗାଇ ବିଚରଣ କରୁଥିବା ଜଣାପଡିଥିଲା। ତେବେ ବିଭିନ୍ନ ଅପରାଧରେ ଅପରାଧିମାନେ ଏଭଳି ଫେକ ନମ୍ବର ଲଗାଇ ଗାଡିଗୁଡିକ ବ୍ୟବହାର କରୁଥିବା ପୋଲିସ ଆଗରୁ ଜାଣିଥିଲେ ବି କୌଣସି ପ୍ରକାର ପଦକ୍ଷେପ ନିଆଯାଇପାରୁନାହିଁ। ତେଣୁ ନିରୀହ ଲୋକମାନେ ଏହି ଘଟଣାରେ ଛନ୍ଦି ହୋଇପଡୁଛନ୍ତି। ବିଶେଷ କରି ଉପାନ୍ତ ଅଞ୍ଚଳରେ ଏଭଳି ଫେକ ନମ୍ବର ବ୍ୟବହାର ହେଉଛି। ତେଣୁ ଫେକ ନମ୍ବର ଲଗାଇ ଯେଉଁମାନେ ଗାଡି ବ୍ୟବହାର କରୁଥିବେ ଖାଲି ଫୋଟ ଉଠାଇଲେ ହେବ ନାହିଁ। ଅପରାଧୀଙ୍କୁ ଯେଭଳି ଅନୁସରଣ କରି ଧରାଯାଉଛି ସେଭଳି ଅନୁସରଣ କରି ଯାଞ୍ଚ ପରେ ଚାଲାଣ କଟାଯିବା କିମ୍ବା ଯଦି ଏଭଳି ଜଣାପଡିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଏହା କିଛିକାଂଶରେ କମିଯିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ଆକ୍ରମଣ,ଅସଦାଚାରଣ: ଯୁବକ ଗିରଫ

ବ୍ରହ୍ମପୁର,୨୮।୩(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ଦୋକାନୀଙ୍କୁ ଆକ୍ରମଣ କରିବା ଓ ତାଙ୍କ ସ୍ତ୍ରୀ'ଙ୍କୁ ଟଣା ଓଟରା ହୋଇଥିଲା। ଅଭିଯୋଗ ପରେ ଗୋଷାଣୀନୂଆଗାଁ ଥାନା ପୋଲିସ ଜଣେ ଯୁବକଙ୍କୁ ବାନ୍ଧିଛି। ଅଭିଯୁକ୍ତ ଜଣଙ୍କ ଲାଠୀ ଗ୍ରାମର ରାଜେନ୍ଦ୍ର କୁମାର ସାହୁ(୩୮)। ମାମଲା ନଂ ୧୧୪/୨୫ ରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଉକ୍ତ ଥାନା ଅନ୍ତର୍ଗତ ନୀଳକଣ୍ଠ ନଗର ପାର୍କ ସାହିର ଜଣେ ମହିଳା(୪୨)ଙ୍କ ସ୍ଥାନୀୟ ଅନ୍ଧପସରା ରୋଡ଼ର ଏକ ଆପାର୍ଟମେଣ୍ଟ ନିକଟରେ ପ୍ଲାଇବୋର୍ଡ଼ ଦୋକାନ ରହିଛି। ଗୁରୁବାର ସନ୍ଧ୍ୟାରେ ରାଜେନ୍ଦ୍ର ଉକ୍ତ ଦୋକାନରେ ପହଞ୍ଚି ଦୋକାନ ମାଲିକଙ୍କୁ ଗାଳି ଗୁଲଜ ସହ ଆକ୍ରମଣ କରିଥିଲେ। ଦୋକାନ ଭିତରେ ଥିବା ତାଙ୍କ ସ୍ତ୍ରୀ ଏହାର ପ୍ରତିବାଦ କରିଥିଲେ। ପରେ ଯୁବକ ଜଣକ ଉକ୍ତ ମହିଳାଙ୍କୁ ଟଣାଓଟରା କରିବା ସହ ତାଙ୍କୁ ସର୍ବ ସାଧାରଣରେ ଅସଦାଚାରଣ କରିଥିଲେ। ଯାହାଫଳରେ ତାଙ୍କର ମର୍ଯ୍ୟାଦା ହାନି ହୋଇଥିଲା। ପରେ ମହିଳା ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ଜାତୀୟ ବରିଷ୍ଠ ବାଳିକା ହ୍ୟାଣ୍ଡବଲ ଦଳରେ ବ୍ରହ୍ମପୁରର ୩ ଖେଳାଳି


ଜାତୀୟ ଦଳରେ ଭାଗ ନେଉଥିବା ଖେଳାଳିମାନେ।

ବ୍ରହ୍ମପୁର, ୨୮।୩(ସୁବାସ ଚନ୍ଦ୍ର ପାଢ଼ୀ) ଆସନ୍ତା ୩୦ରୁ ଏପ୍ରିଲ ୩ ତାରିଖ ଯାଏ ଉତ୍ତରପ୍ରଦେଶର ହାତରସଠାରେ ହେବାକୁ ଥିବା ଜାତୀୟ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡିଶା ଦଳ ଯାତ୍ରା କରିଛି। ଏହି ଦଳରେ ବ୍ରହ୍ମପୁରର ୩ ଖେଳାଳି ଜି.ଜ୍ୟୋତି ପାତ୍ର, ବର୍ଷା ରାଣୀ ସେଠି ଓ ବର୍ଷା ରାଣୀ ବେହେରା ଯାତ୍ରା କରିଛନ୍ତି। କୋଚ ରୂପେ ବ୍ରହ୍ମପୁରର ରାମାଶିଷ ଜେନା ଦଳ ସହ ଯାତ୍ରା କରିବେ। ଏହି ଖେଳାଳିମାନେ ପ୍ରତିଦିନ ଖଲ୍ଲିକୋଟ କଲେଜ ଗ୍ରାଉଣ୍ଡରେ ଜାତୀୟ କୋଚ ପ୍ରଶାନ୍ତ କୁମାର ରଥଙ୍କଠାରୁ ତାଲିମ ନେଇଛନ୍ତି। ଖେଳାଳିଙ୍କ ଏହି ସଫଳତା ପାଇଁ ଜିଲା ହ୍ୟାଣ୍ଡବଲ ସଂଗଠନର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ଶୁକ୍ଳ, ସମ୍ପାଦକ ସୁରେଶ ଚନ୍ଦ୍ର ପାଢ଼ୀ, କୋଷାଧ୍ୟକ୍ଷ ମୋନଜ କୁମାର ପାତ୍ରଙ୍କ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ମା'ବ୍ରାହ୍ମଣୀ ଦେବୀଙ୍କ ଯାତ୍ରା ପ୍ରସ୍ତୁତି ବୈଠକ

ବେଲଗୁଣ୍ଠା,୨୮।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ) ବେଲଗୁଣ୍ଠାର ଅଧିଷ୍ଠାତ୍ରୀ ଦେବୀ ମା ବ୍ରାହ୍ମଣୀ ଦେବୀଙ୍କ ଦ୍ୱିବାର୍ଷିକ ଠାକୁରାଣୀ ଯାତ୍ରା ନିମନ୍ତେ କୋଳିସାହି ମାଙ୍କ ଅସ୍ଥାୟୀ ପୂଜା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ଲୋକନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବିଭୂତି ପାତ୍ର, କୋଷାଧ୍ୟକ୍ଷ ନିତ୍ୟାନନ୍ଦ ପାତ୍ରଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ଏପ୍ରିଲ ୨ ତାରିଖରେ ମାଙ୍କ ଯାତ୍ରାପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହା ସହିତ ଯାତ୍ରାର ସୁପରିଚାଳନା ନିମନ୍ତେ ବୈଠକରେ କାର୍ଯ୍ୟକାରୀ କମିଟି ଏବଂ ଯୁବକ କମିଟି ଗଠନ କରାଯାଇଥିଲା।

## ନାଟକ 'ଶନିପେଢ଼ି', 'ଅଗ୍ନିସାତ' ମଞ୍ଚସ୍ଥ


ନାଟକ ଶନିପେଢ଼ିର ଦୃଶ୍ୟ।

ବ୍ରହ୍ମପୁର,୨୮।୩(ଅଶୋକ କୁମାର ସାହୁ/ ସ୍ମୃତି ରଞ୍ଜନ ମହାଲିକ) ବିଶ୍ୱନାଟ୍ୟ ଦିବସ ଅବସରରେ ଗଞ୍ଜାମ କଳାପରିଷଦରେ ପ୍ରଦୀପ ଭୌମିକ ଲିଖିତ ନାଟକ ଶନିପେଢ଼ି ମଞ୍ଚସ୍ଥ ହୋଇଛି। ଅନୁଷ୍ଠାନର ଉପସଭାପତି ସୂର୍ଯ୍ୟ କାନ୍ତ ପାତ୍ର, ଉପଦେଷ୍ଟା ଦେବେନ୍ଦ୍ର ନନ୍ଦ, ରାମ ନାରାୟଣ ପ୍ରଧାନ, ରଜନୀ ପାଢ଼ୀ, ରାଧାକାନ୍ତ ପରିଛା, ରାଜୁ ପାଢ଼ୀ, ସରୋଜିନୀ ସାମଲ, ସମ୍ପାଦକ ଅଭୟେନ୍ଦୁ ଶେଖର ପଟ୍ଟନାୟକ, ବାସୁଦେବ ରଥ, ସତ୍ୟ ମହରଣା, ସୁବାସ ମହାରଣା, ଶାନ୍ତନୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ସାଧାରଣ ସମ୍ପାଦକ ଇଂ ଅପୂର୍ବ ପଟ୍ଟନାୟକ ପ୍ରମୁଖ ନାଟ୍ୟ ଦିବସ ପାଳନ ଉପରେ ଆଲୋକପାତ କରିଥିଲେ। ପରେ ବ୍ୟଙ୍ଗାତ୍ମକ କ୍ଷୁଦ୍ର ନାଟକ 'ଶନିପେଢ଼ି' ମଞ୍ଚସ୍ଥ ହୋଇଥିଲା। ନାଟକକୁ ରବିନାରାୟଣ ବେହେରା ନିର୍ଦ୍ଦେଶନା ଦେଇଥିଲେ । ପରିଷଦର ସାଂସ୍କୃତିକ ସମ୍ପାଦକ ଇଂ ମନୋଜ ଦଣ୍ଡପାଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ସେହିପରି କଳାକାର ଏକତା ମଞ୍ଚ ପକ୍ଷରୁ ପ୍ରକାଶମ ହଲ ପରିସରରେ ବିଶ୍ୱ ନାଟ୍ୟ ଦିବସ ପାଳନ କାର୍ଯ୍ୟକ୍ରମରେ ସଭାପତି ଅନିଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ବରିଷ୍ଠ ନାଟ୍ୟକାର ମେଜର ରମା ରମଣ ପାଢ଼ି, ନାଟ୍ୟ ନିର୍ଦ୍ଦେଶକ ଡା ତିରୁପତି ସାହୁ, ସଂସ୍କୃତି ପ୍ରେମୀ ଇଂ ଯାମିନୀ କାନ୍ତ ଦାସ ଓ ନାଟ୍ୟ ସଂଗଠକ ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଅତିଥି ଥିଲେ। ସଂପାଦକ ରାଜଗୋପାଳ ପାଢୀ ବିଶ୍ୱ ନାଟ୍ୟ ଦିବସ ସଂପର୍କରେ ସୂଚନା ଦେଇଥିଲେ। ଉପଦେଷ୍ଟା ଡ. ମିହିର ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ନାଟକ 'ଅଗ୍ନିସାତ' ମଞ୍ଚସ୍ଥ ହୋଇଥିଲା।

## ବାୟୁସେନା ଅଧିକାରୀଙ୍କ ସମେତ ୫ ନିର୍ଦ୍ଦୋଷରେ ଖଲାସ

ଦିଗପହଣ୍ଡି,୨୮।୩(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ମାଜିଷ୍ଟ୍ରେଟ ନିଳିମା ଷଡଙ୍ଗୀ ଶୁକ୍ରବାର ଏକ ଆକ୍ରମଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରି ବାୟୁସେନାରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ସମେତ ୫ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୧୯ ମାର୍ଚ୍ଚ ୧ରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ବି. ତୁରୁବୁଡି ଗ୍ରାମର ସେନା ଅଧିକାରୀ ଏ. ଭଗବାନ ପାତ୍ରଙ୍କ ସମେତ ଏ. ଗଣେଶ ପାତ୍ର, ଏ. କୁମାରୀ ପାତ୍ର, ଏ.କୈଳାସ ପାତ୍ର ଏବଂ ବିନୁ ପାତ୍ର ସମସ୍ତେ ସଂଘବଦ୍ଧ ଭାବେ ସେହି ଗ୍ରାମର ଏସ. ଲକ୍ଷ୍ମୀ ରେଡ୍ଡୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ଚାର୍ଜଶିଟ ଦାଖଲ କରିଥିଲା। କୋର୍ଟରେ ୮ ଜଣ ସାକ୍ଷୀଙ୍କ ବୟାନ ଲିପିବଦ୍ଧ ହୋଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ରସାନନ୍ଦ ରାଉତ ମାମଲା ପରିଚାଳନା କରୁଥିଲେ।

## ପଞ୍ଜିକାରେ ଭୁଲ୍ ବିବାହ ତିଥିର ତର୍ଜମା ଦାବି


ଦାବି ପତ୍ର ପ୍ରଦାନ କରିବାକୁ ଆସିଥିବା ପୁରୋହିତମାନେ।

ବ୍ରହ୍ମପୁର,୨୮।୩(ସ୍ମୃତି ରଞ୍ଜନ ମହାଲିକ) ପୁରୀ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଦ୍ୱାରା ଅନୁମୋଦିତ ୫ ପଞ୍ଜିକାରୁ ଏକ ନିର୍ଦ୍ଦିଷ୍ଟ ପଞ୍ଜିକାରେ ବିବାହ ତିଥି ସମାନ ରହିବ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏକ ନିର୍ଦ୍ଦିଷ୍ଟ ପଞ୍ଜିକାରେ ଯୋଗ ଭିନ୍ନ ରହିଛି। ସମସ୍ତ ପଞ୍ଜିକାରେ ଜୁନ ୮ରେ ବୃହସ୍ପତି ବୃଦ୍ଧ ଓ ଅଶୁଦ୍ଧ କାଳ ବୋଲି ଉଲ୍ଲେଖ ରହିଛି। କିନ୍ତୁ ନିର୍ଦ୍ଦିଷ୍ଟ ପଞ୍ଜିକାରେ ଜୁନ ୮ ତାରିଖ ପରେ ୯, ୧୪ ଓ ୨୩ ତାରିଖରେ ବିବାହ ତିଥି ଦିଆଯାଇଛି। ଅନ୍ୟ ପଞ୍ଜିକାରେ ବିବାହ ତିଥି ନ ଥିବା ଉଲ୍ଲେଖ ରହିଛି। ଯାହାକୁ ପୁରୋହିତଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକ ମଧ୍ୟ ଦ୍ୱନ୍ଦରେ ରହିଛନ୍ତି। ଯାହାକୁ ନେଇ ବ୍ରହ୍ମପୁର ସହର ସମେତ ସହର ଆଖପାଖ ଅଂଚଳର ବହୁ ପୁରୋହିତ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ନେଇ ବହୁ ପୁରୋହିତ ଶୁକ୍ରବାର ପୁରୀ ମୁକ୍ତି ମଣ୍ଡପ ପଣ୍ଡିତ ସଭା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କ ଜରିଆରେ ଦାବି ପତ୍ର ପ୍ରଦାନ କରି ଘଟଣାର ତର୍ଜମା ପାଇଁ ଜଣାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସନ୍ତୋଷ କର, ପ୍ରକାଶ ଚନ୍ଦ୍ର ଦାଶ, ଯଜ୍ଞ ରଥ ଓ ନାରାୟଣ ଦାଶଙ୍କ ସମେତ ବହୁ ପୁରୋହିତ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଚିକିଟି,୨୮।୩(ପ୍ରକାଶ ଚନ୍ଦ୍ର ସାହୁ) ଗଞ୍ଜାମ ଜିଲା ଚିକିଟିଗଡ଼ ମହାବିଦ୍ୟାଳୟ ପରିସରରେ ୮ ଦିନ ଧରି ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଯୁକ୍ତ ତିନିର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀ ସାମିଲ ହୋଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଭବାନୀ ପ୍ରସାଦ ପଣ୍ଡା ଯୋଗ ଦେଇ ଏହାର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ଆଇଆର୍‌ପିଏମ ଅଧ୍ୟାପିକା ଡ. ସୁଜାତା ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ଛାତ୍ରୀମାନେ ତାଲିମ ନେଇଥିଲେ। ମୁଖ୍ୟ ପ୍ରଶିକ୍ଷକ ଭାବେ ସନ୍ଧ୍ୟାରାଣୀ ମହାରଣା ଓ ରୋହିଣୀ ଖଣ୍ଡୱାଲ ଯୋଗ ଦେଇଥିଲେ। ତାଲିମପ୍ରାପ୍ତ ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ପ୍ରଦର୍ଶନ କରିବା ସହ ତାଲିମ ପାଇ ନିଜକୁ ଅଧିକ ସୁରକ୍ଷିତ ଓ ଆତ୍ମ ନିର୍ଭର ଅନୁଭବ କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଡ. ସୁଜାତା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ ଗିରଫ

ଗୋପାଳପୁର,୨୮।୩ (ନବୀନ ରାଜ ଆଚାରୀ) ଗୋଳନ୍ଥରା ଥାନା ବାଘଲଟିସ୍ଥିତ ଏକ ଫାର୍ମ ହାଉସରେ ଶୋଇଥିବା ବେଳେ ଗୋଟିଏ ଗୋଷ୍ଠୀ ଆକ୍ରମଣରେ ୪ ଯୁବକ ଆହତ ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ରତାପ ଚନ୍ଦ୍ର ଗୌଡ଼ ଓ କାହ୍ନୁ ଗୌଡ଼। ଏ ନେଇ ୨ ମାମଲା ରୁଜୁ କରାଯାଇଥିବା ବେଳେ ଘଟଣାରେ ସାମିଲ ରହିଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ଗ୍ରାମରେ ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଘଟଣା ଘଟିଥିବା କୁକୁଡ଼ା ଫାର୍ମ ସ୍ଥଳରୁ ଭଙ୍ଗାରୁଜା ହୋଇଥିବା ସିସିଟିଭି କ୍ୟାମେରା, ଗୋଟିଏ ମୋଟର ସାଇକେଲ ଓ ଭଙ୍ଗା ଯାଇଥିବା ୱାସିଙ୍ଗ ମେସିନ ସହ ଚେୟାର ଜବତ କରିଛି। ଆହତଙ୍କ ବିଶାଖାପାଟଣା ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଜାରି ରହିଛି।

## ପିଉଳରେ ଦଣ୍ଡଯାତ୍ରା ଆରମ୍ଭ


ଦଣ୍ଡୁଆମାନେ ମା'ଙ୍କୁ ଧରି ସହର ପରିକ୍ରମା କରୁଛନ୍ତି।

ଶେରଗଡ଼,୨୮।୩(ସୂର୍ଯ୍ୟ ନାରାୟଣ ଦାଶ) ଶେରଗଡ଼ ବ୍ଲକ ପିଉଳ ଗ୍ରାମସ୍ଥିତ ଦଣ୍ଡ କାଳୀଙ୍କ ୧୮ ଦିନିଆ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଶୁକ୍ରବାର ସଙ୍କଳ୍ପ ପରେ ପାରମ୍ପରିକ ପୂଜାର୍ଚ୍ଚନା ହୋଇଥିଲା। ସ୍ଥାନୀୟ ଶିବ ମନ୍ଦିରରୁ ଆଜ୍ଞାମାଳ ପାଇବାପରେ ନଗର ପରିକ୍ରମା କରିଥିଲେ। ପିଉଳର ୯ଟି ସାହି ପରିକ୍ରମା କରିଥିଲେ। ପ୍ରତିସାହିରେ ମା'ଙ୍କ ପରିକ୍ରମା ବେଳେ କୁମ୍ଭ ବଢ଼ି ଫୁଲ ମାଳରେ ହୁଳହୁଳି ମା'ଙ୍କୁ ଗ୍ରାମବାସୀ ସ୍ୱାଗତ କରିଥିଲେ। ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଜି.ଉଦୟଗିରି ମେଡିକାଲ ରାଜ୍ୟରେ ପ୍ରଥମ

ଜି.ଉଦୟଗିରି,୨୮।୩ (ଚିନ୍ମୟ କୁମାର ସେଠୀ)

**କାୟାକଳ୍ପ ଟିମ୍ ରିପୋର୍ଟ**

କନ୍ଧମାଳ ଜିଲା ଜି.ଉଦୟଗିରିସ୍ଥିତ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟସ୍ତରୀୟ କାୟାକଳ୍ପ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ମିଳିଛି। ଗତ ଜାନୁଆରୀରେ ରାଜ୍ୟସ୍ତରୀୟ କାୟାକଳ୍ପ ଟିମ୍ ଜି.ଉଦୟଗିରି ଡାକ୍ତରଖାନା ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଉକ୍ତ ଟିମ୍ ଡାକ୍ତରଖାନା ପରିସର, ଭିତର ଓ ବାହାର, ଡାକ୍ତରଖାନା ଭିତରେ ଥିବା ଓପିଡି, ପ୍ରସୂତି କକ୍ଷ, ରୋଗୀ ଶଯ୍ୟା କକ୍ଷ, ରକ୍ତ ପରୀକ୍ଷାଗାର, ଶୌଚାଳୟ, ସେବିକା କକ୍ଷ, ଡାକ୍ତର କକ୍ଷ, ନିରାମୟ ଔଷଧ ବିଭାଗ, ନିଷିଦ୍ଧାଞ୍ଚଳ ବୁଲି ଦେଖିବା ସହ କର୍ମଚାରୀ ମାନଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନାରେ ଥିବା ସମସ୍ତ ଉପକରଣ ଓ ପରିବେଶ ଉପରେ ସମୀକ୍ଷା କରିଥିଲେ। ଡାକ୍ତରଖାନା ବାହାର ଓ ଭିତର ପରିବେଶର ସ୍ୱଚ୍ଛତା ଓ ରୋଗୀମାନଙ୍କ ଉପଲବ୍ଧି ପରଖିଥିଲେ। କାୟାକଳ୍ପ ପ୍ରତିଯୋଗିତାରେ ଟିମ୍ ରାଜ୍ୟର ସହରାଞ୍ଚଳରେ ଥିବା ୨୯୯ ଡାକ୍ତରଖାନା ପରିଦର୍ଶନ କରିଥିଲେ। ସେଥିରୁ ଜି.ଉଦୟଗିରି ଡାକ୍ତରଖାନା ପ୍ରଥମ ସ୍ଥାନ ଅଧିକାର କରିଛି।

## ସିଆର୍‌ପିଏଫ୍ ପକ୍ଷରୁ ଜନ ସମ୍ପର୍କ ଅଭିଯାନ

ବାଲିଗୁଡା,୨୮।୩(ସଞ୍ଜୟ କୁମାର ପାଣିଗ୍ରାହୀ) କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ଓ ତୁମୁଡ଼ିବନ୍ଧ ବ୍ଲକର ମାଓବାଦୀ ପ୍ରଭାବିତ ଗ୍ରାମ ସିନ୍ଧିପୋଙ୍କଲ, ଡାଙ୍ଗେସିଗୁଡ଼ା, ଝିରିପାଣି ଜୁବାଗୁଡ଼ା ଏବଂ ସୁବର୍ଣ୍ଣଗିରି ଅଞ୍ଚଳର ଦୂରଦୂରାନ୍ତ ସ୍ଥାନରେ ୧୨୭ ବାଟାଲିୟନ ସିଆରପିଏଫ ପକ୍ଷରୁ ଏକ ଜନ ସଂପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଗରିବ ଏବଂ ଅସହାୟ ଲୋକଙ୍କୁ ସିଲାଇ ମେଶିନ୍, କାଗଜ ପ୍ଲେଟ୍ ମେଶିନ୍, ଅଗରବତୀ ତିଆରି ମେଶିନ୍ ଏବଂ ବିଭିନ୍ନ ସାମଗ୍ରୀ ପ୍ରଦାନ କରି ମହମବତୀ ତିଆରି ତାଲିମ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୧୨୭ ବଟାଲିୟନର କମାଣ୍ଡାଣ୍ଟ ପଙ୍କଜ ବର୍ମା, ଦ୍ୱିତୀୟ କମାଣ୍ଡ କେ.କେ.କହଁର, ଏମ.ଏମ. ବେହେରା, ଅଶୋକ ଡିସି ଏବଂ ସିଆରପିଏଫର ଅନ୍ୟ ଅଧିକାରୀ, ଉପାଧ୍ୟକ୍ଷ, ସରପଞ୍ଚ, ଷ୍ଟେଟବ୍ୟାଙ୍କ ମ୍ୟାନେଜର ଉପସ୍ଥିତ ଥିଲେ। କମାଣ୍ଡାଣ୍ଟ ପଙ୍କଜ ବର୍ମା ଯୁବକ ଏବଂ ଗ୍ରାମବାସୀଙ୍କୁ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଆଗାମୀ ଦିନରେ ଜିଲାର ବିଭିନ୍ନ ସ୍ଥାନରେ ଏପରି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି କମାଣ୍ଡାଣ୍ଟ ବର୍ମା ସୂଚନା ଦେଇଛନ୍ତି।

## ଟିପିଏସ୍‌ଓଡିଏଲ୍ ପକ୍ଷରୁ ଡ୍ରୋନ୍ ଟେକ୍ନୋଲୋଜି ଓ ଏଡିଏମ୍‌ଏସ୍ ସେବା


ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ୍ରୋନ ଟେକ୍ନୋଲୋଜି ସେବା ଉଦଘାଟନ କରୁଛନ୍ତି।

ବ୍ରହ୍ମପୁର,୨୮।୩(ସ୍ମୃତି ରଞ୍ଜନ ମହାଲିକ) ବିଦ୍ୟୁତ ବଣ୍ଟନ ସେବାକୁ ଉନ୍ନତ କରିବା ପାଇଁ ଟିପିଏସଓଡିଏଲ ୨ ପ୍ରମୁଖ ଡିଜିଟାଲ ପଦକ୍ଷେପ ଆରମ୍ଭ କରିଛି। ଜିଆଇଏସ ସର୍ଭେ ଓ କାର୍ଯ୍ୟକ୍ଷମ ଉତ୍କର୍ଷ ପାଇଁ ଡ୍ରୋନ ଟେକ୍ନୋଲୋଜି ଓ ବ୍ରହ୍ମପୁର ସିଟି ସର୍କଲର ବିଇଡି-୨ ଡିଭିଜନରେ ଆଡଭାନ୍ସ ଡିଷ୍ଟ୍ରିବ୍ୟୁସନ ପାଇଁ ମେନେଜମେଣ୍ଟ ସିଷ୍ଟମ ଆରମ୍ଭ ହୋଇଛି। ଏହାକୁ ଟିପିଏସଓଡିଏଲ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ ଉଦଘାଟନ କରିଥିଲେ। ଡ୍ରୋନ ଟେକ୍ନୋଲୋଜିର ବ୍ୟବହାର ପାହାଡିଆ ଓ ଦୁର୍ଗମ ଅଂଚଳରେ ବେଶ ସହାୟକ ହେବ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଡ୍ରୋନ ଗୁଡିକ କ୍ଷୟକ୍ଷତିର ତୁରନ୍ତ ମୂଲ୍ୟାୟନ ପାଇଁ ରିଅଲ ଟାଇମ ସର୍ଭେ ପ୍ରଦାନ କରିବ। ଏଥିସହ ୭ରୁ ୮ କିମି ବ୍ୟାପ୍ତି ବିଶିଷ୍ଟ ଡ୍ରୋନ ଗୁଡିକ ପ୍ରତିରୋଧୀ ଅଂଚଳରେ ବିଦ୍ୟୁତ ଚୋରିକୁ ଚିହ୍ନଟ ଓ ନିୟନ୍ତ୍ରଣ କରିବାରେ ସାହାର୍ଯ୍ୟ କରିବ। ବ୍ରହ୍ମପୁର ବିଇଡି-୨ ଡିଭିଜନରେ ସଫଳ କାର୍ଯ୍ୟକ୍ଷମ ପରେ ପର୍ଯ୍ୟାୟ କ୍ରମେ ବିଭିନ୍ନ ସ୍ଥାନରେ ଲାଗୁ ହେବ ବୋଲି କୁହାଯାଇଛି।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏବେ କିନ୍ନରଙ୍କୁ ମିଳିବ ନିଯୁକ୍ତି


କାର୍ଯ୍ୟକ୍ରମରେ କୁଳପତିଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର, ୨୮।୩(ସୁବାସ ଚନ୍ଦ୍ର ପାଢ଼ୀ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏବେ କିନ୍ନରଙ୍କୁ ନିଯୁକ୍ତି ମିଳିବ। ଏଭଳି ପ୍ରତିଶ୍ରୁତି ଦେଇଛନ୍ତି କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ। ଭଂଜବିହାର ନୂତନ ସମ୍ମିଳନୀ କକ୍ଷରେ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ସୋସିଆଲ ଡିଫେନ୍ସ ନିର୍ଦ୍ଦେଶ କ୍ରମେ ସାମ୍ବାଦିକତା ଓ ଗଣଯୋଗାଯୋଗ ଏବଂ ସାମାଜିକ ବିଜ୍ଞାନ ବିଭାଗର ମିଳିତ ଉଦ୍ୟମରେ କିନ୍ନରଙ୍କ ଅଧିକାର ଓ ସୁରକ୍ଷା ନେଇ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇ କୁଳପତି ଏହା ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସେ କହିଲେ ଯେ, ଭାରତ ଏକ ବିବିଧ ଦେଶ। ଏଠାରେ ଅନେକ ସଂସ୍କୃତି ଓ ପରମ୍ପରା ରହିଛି। ସମ୍ବିଧାନ ଅନୁସାରେ ପ୍ରତ୍ୟେକଙ୍କ ସମାନ ଅଧିକାର ରହିଛି। ଟ୍ରାନ୍ସ ଜେଣ୍ଡର ବି କିନ୍ନରମାନଙ୍କୁ ବି ସମାନ ଅଧିକାର ମିଳିବା ଉଚିତ। ପୁରାତନ କାଳରେ ଏମାନଙ୍କୁ ସମ୍ମାନ ଦିଆଯାଉଥିଲା। କିନ୍ତୁ ବିଭିନ୍ନ କାରଣରୁ ସେମାନେ ନିଜ ଅଧିକାରୁ ବଂଚିତ ହେଉଥିବା ଉପଲବ୍ଧି କରି ନିଜ ଅଧିକାର ପାଇବା ପାଇଁ ଲଢ଼େଇ କରୁଛନ୍ତି। ତେଣୁ ସେମାନଙ୍କ ଅଧିକାର ଓ ସୁରକ୍ଷା ପାଇଁ ବିଭିନ୍ନ ନିୟମ ପ୍ରଣୀତ ହୋଇଛି। ସେମାନଙ୍କୁ ୨୦୧୪ରେ ତୃତୀୟଲିଙ୍ଗୀ ଭାବେ ମାନ୍ୟତା ମିଳିଥିଲା। ୨୦୧୯ରେ ସେମାନଙ୍କ ଅଧିକାର ପାଇଁ ନିୟମ ବଦଳିଛି। ପୂର୍ବେ ସେମାନେ ରାଜ ଦରବାରରେ କାମ କରୁଥିବାବେଳେ ବିଭିନ୍ନ କ୍ଷେତ୍ରରେ ଏବେ ସେମାନଙ୍କୁ କାମ କରିବାର ସୁଯୋଗ ମିଳିଛି। ତଥାପି ସମସ୍ତଙ୍କ ଭଳି ସେମାନଙ୍କୁ ଅଧିକାର ମିଳିନଥିବାରୁ ଏବେ ବି ସେମାନଙ୍କ ଲଢ଼େଇ ଜାରି ରହିଛି। ବ୍ୟକ୍ତି ବିଶେଷରେ ସମାନତା ଅଧିକାର ପାଇବା ପାଇଁ ସେମାନେ ଯୋଗ୍ୟ ବୋଲି କହିଥିଲେ । ତାହାସହ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ସେମାନଙ୍କୁ ବ୍ରହ୍ମପୁର ବିଶବିଦ୍ୟାଳୟରେ ନିଯୁକ୍ତି ଦିଆଯିବ ବୋଲି କହିଥିଲେ । ବକ୍ତା ଭାବେ ଭୁବନେଶ୍ୱର ସ୍ଥିତ କିମସ ହସ୍ପିଟାଲର ସାମାଜିକ ବିକାଶ ଅଧିକାରୀ ସାଧନା ମିଶ୍ର ଯୋଗଦେଇ ନିଜ ଜୀବନୀ ଉପରେ କହିବା ସହିତ ସୁରକ୍ଷା ଓ ଅଧିକାର ଉପରେ ବର୍ଣ୍ଣନା କରିଥିଲେ । ସମ୍ମାନନୀୟ ଅତିଥି ଭାବେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,କୁଳସଚିବ ସଚ୍ଚିଦାନନ୍ଦ ନାୟକ ଯୋଗ ଦେଇ ନିଜ ନିଜ ମତ ରଖିଥିଲେ । ରଶ୍ମି ରେଖା ଜେନା ସ୍ୱାଗତ ଭାଷଣ ଏବଂ ଡ.ବାଗ୍ମୀ ପ୍ରିୟଦର୍ଶନୀ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କିନ୍ନର ଲୋବଲୀ, ବାବୁଲୀ, ରଂଜିତା, ବିନ୍ଦିୟା, ପ୍ରୀତି, ବର୍ଷା, ନେହା, ପୂଜା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ବିଭାଗୀୟ ମୁଖ୍ୟ ଡ.ବନ୍ଦିତା କୁମାରୀ ପଣ୍ଡା, ପ୍ରଫେସର ଗଣେଶ ସେଠୀ, ଡ.ଜୟନ୍ତ କୁମାର ପଣ୍ଡା, ଡ.ଚିନୁ ବହିଦାର, ଡ.ନେହା ପାଣ୍ଡେ, ଡ.ମିହିର କୁମାର ତ୍ରିପାଠୀ,ଉଷାରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

